# ଗ୍ରାହକ ସେବାକେନ୍ଦ୍ରରୁ ୧ ଲକ୍ଷ ଲୁଟିନେଲେ ଦୁର୍ବୃତ୍ତ

ନୟାହାଟ,୧୫।୫(ସମିସ)





ନୟାହାଟ ଫାଣ୍ଡିଠାରୁ ଚାରିଶହ ମିଟର ଦୂର ଶିଙ୍ଗପାନିଆଁ ଗ୍ରାମରେ ଥିବା ଏସ୍‌ବିଆଇ ଗ୍ରାହକ ସେବାକେନ୍ଦ୍ରରୁ ଶୁକ୍ରବାର ୧ଲକ୍ଷ ଟଙ୍କା ଲୁଟ୍ ହୋଇଛି। ଦିନ ପ୍ରାୟ ୧୧ଟା ବେଳେ ଦୁଇଜଣ ବ୍ୟକ୍ତି ଗ୍ରାହକ ସେବାକେନ୍ଦ୍ରକୁ ଯାଇ ଏକ ଲକ୍ଷ ଟଙ୍କା ଛଡ଼ାଇ ନେଇଥିବା ନୟାହାଟ ଫାଣ୍ଡିରେ ତୁଷାର ରାଉତ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ ଚାରିଛକ ଥାନା ବାହାରଣା ପଞ୍ଚାୟତ ବାହାରଣା ଗ୍ରାମର ତୁଷାର ରାଉତ ନାମକ ଜଣେ ଯୁବକ ନୟାହାଟ ଫାଣ୍ଡି ଶିଙ୍ଗପାନିଆଁ ଗ୍ରାମରେ ଏସ୍‌ବିଆଇ ଗ୍ରାହକ ସେବାକେନ୍ଦ୍ର ଖୋଲି ଲୋକମାନଙ୍କୁ ସେବା ଯୋଗାଇଆସୁଛନ୍ତି। ଶୁକ୍ରବାର ଦିନ ୧୧ଟାରେ ମାଲିକ ତୁଷାର ରାଉତ ନ ଥିବା ସମୟରେ ଜଣେ ମହିଳା କର୍ମଚାରୀ ଥିଲେ। ଏହି ସମୟରେ ଏକ ବାଇକ୍‌ରେ ଜଣେ ବୟସ୍କ ବ୍ୟକ୍ତି ଆଉ ଜଣେ ଯୁବକ ସେବାକେନ୍ଦ୍ରକୁ ଆସି ମହିଳା କର୍ମଚାରୀଙ୍କୁ ସାଧା କାଗଜ ମାଗିଥିଲେ। ଏହା ବାବଦକୁ ଏକ ୨୦ ଟଙ୍କିଆ ଦେଇଥିଲେ। ତେବେ ମହିଳା କର୍ମଚାରୀ ଜଣଙ୍କ ମୋ ପାଖରେ ଖୁଚୁରା ନାହିଁ ବୋଲି କହି ଡ୍ରୟାର ଖୋଲି ୧୦ଟଙ୍କା ଦେଇଥିଲେ। ଏହି ସମୟରେ ଉଭୟ ଲୁଟେରା ତଳେ କ'ଣ ପଡ଼ିଗଲା ବୋଲି ମହିଳା କର୍ମଚାରୀଙ୍କୁ କହିବା ପରେ ସେ ଯେତେବେଳେ ତଳକୁ ଅନାନ୍ତି ଦୁଇଜଣ ଲୁଟେରା ଡ୍ରୟାରରୁ ଜୋର୍‌ଜବରଦସ୍ତ ଦୁଇଟି ପାଞ୍ଚଶହ ଟଙ୍କିଆ ବଣ୍ଡଲ ଅର୍ଥାତ୍ ଏକ ଲକ୍ଷ ଟଙ୍କା ନେଇ ବାଇକ୍ ଯୋଗେ ଫେରାର ହୋଇଯାଇଥିଲେ। ଲୁଟେରା ଦୁଇଜଣ ହିନ୍ଦୀରେ କଥା ହେଉଥିବା ବେଳେ ସିସିଟିଭି ଫୁଟେଜ୍‌ରେ ସେମାନଙ୍କ ଫଟୋ କଏଦ ହୋଇଛି। ଏ ନେଇ ନୟାହାଟ ଫାଣ୍ଡିରେ ଅଭିଯୋଗ ହେବା ପରେ ଫାଣ୍ଡି ଅଧିକାରୀ ଶ୍ରୀଧର ମଲିକ କହିଛନ୍ତି ଘଟଣା ତଦନ୍ତ ଚାଲିଛି ଖୁବ୍‌ଶୀଘ୍ର ଅଭିଯୁକ୍ତଦ୍ୱୟ ଧରାପଡ଼ିବେ।

# ବଲଙ୍ଗାର ସବୁ ତେଲ ଟାଙ୍କିରେ ତାଲା



**ବଲଙ୍ଗା,୧୫।୫(ସମିସ):** ମଧ୍ୟପ୍ରାଚ୍ୟରେ ଯୁଦ୍ଧ ପାଇଁ ଭାରତକୁ ପର୍ଯ୍ୟାପ୍ତ ପରିମାଣରେ ପେଟ୍ରୋଲ ଆଉ ଡିଜେଲ ଆସିପାରୁନାହିଁ। ତେଣୁ ଦେଶରେ ତୈଳ ସଙ୍କଟ ଦେଖାଦେଇଛି। ଏଭଳି ସ୍ଥିତି ଚାରିଆଡ଼େ ଦେଖିବାକୁ ମିଳିଥିବାବେଳେ ବଲଙ୍ଗାରେ ମଧ୍ୟ ଏହାର ପ୍ରଭାବ ପଡ଼ିଛି। ଏଠାରେ ଥିବା ସମସ୍ତ ପେଟ୍ରୋଲ ପମ୍ପ ଏବେ ତାଲା ପଡ଼ିଛି। ଗାଡ଼ିର ଭିଡ଼ ଲାଗୁନି। କେଉଁଠି ତେଲ ନମିଳିବାରୁ ଲୋକେ ହତାଶ ହୋଇଛନ୍ତି। ଆଗକୁ ପେଟ୍ରୋଲ ଡିଜେଲ ସଙ୍କଟ ଆହୁରି ଜଟିଳ ହେବ ବୋଲି ଚର୍ଚ୍ଚା ହେଉଥିବାବେଳେ ଲୋକଙ୍କ ଚିନ୍ତା ବଢ଼ିଲାଣି। ତେଲ ମିଳୁ ନ ଥିବାରୁ କିଛି ଗାଡ଼ି ମଧ୍ୟ ଏବେ ବନ୍ଦ ହେବାକୁ ବସିଲାଣି। ବଲଙ୍ଗା ଥାନା ଅଞ୍ଚଳରେ ବିଭିନ୍ନ ସ୍ଥାନରେ ଖୁଚୁରାରେ ବିକ୍ରି ହେଉଥିବା ପେଟ୍ରୋଲ ପାଇଁ ନାହିଁନଥିବା ଭିଡ଼ ଦେଖିବାକୁ ମିଳିଛି। ଦେଶରେ ତେଲ ନିଅଣ୍ଟ କଥା ଶୁଣି ଏପରି ପରିସ୍ଥିତି ସୃଷ୍ଟି ହୋଇଛି।

# ନୂଆ ଜଗନ୍ନାଥ ସଡ଼କ ପାଲଟିଛି ମରଣଯନ୍ତା

**କଣାସ,୧୫।୫(ସମିସ):** ପୁରୀ ଜଗନ୍ନାଥ ଧାମକୁ ଦକ୍ଷିଣ ଓଡ଼ିଶାରୁ ଦୂରତା କମାଇବା ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଦ୍ୱାରା ଶରଣକୁଳଠାରୁ ରାମେଶ୍ୱର ଦେଇ ପୁରୀକୁ ନୂଆ ଜଗନ୍ନାଥ ସଡ଼କ ନିର୍ମାଣ କରାଯାଇଥିଲା। କିନ୍ତୁ ଦୁଃଖର ବିଷୟ ରାସ୍ତା ଦାୟିତ୍ୱରେ ଥିବା ସରକାରୀ ଅଧିକାରୀଙ୍କ ଦୃଷ୍ଟି ଗୋଚରକୁ ଆସୁ ନ ଥିବାରୁ ଟୁପୁରିଙ୍ଗଠାରୁ ବକୁ ପର୍ଯ୍ୟନ୍ତ ଦୀର୍ଘ ୫ କିଲୋମିଟର ପର୍ଯ୍ୟନ୍ତ ଢଳାଇ ଓ ପିଚୁ ରାସ୍ତା ମଝିରୁ ଫାଟିଯାଇ ଲମ୍ବା ଗର୍ତ୍ତ ସୃଷ୍ଟି ହୋଇଛି। ଫଳରେ ଦୈନନ୍ଦିନ ବାଇକ୍ ଆରୋହୀଙ୍କ ବାଇକ୍ ଚକ ଏହି ଗର୍ତ୍ତ ମଧ୍ୟରେ ପଶିଯିବାରୁ ଦୁର୍ଘଟଣାର ସମ୍ମୁଖୀନ ହୋଇ ଗୁରୁତର ଆହତ ହେଉଛନ୍ତି। ମଝିରେ ମଝିରେ ଅନେକ ସ୍ଥାନରେ ଜାଗାକୁ ଜାଗା ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି। ଏହି ରାସ୍ତା ଦେଇ ଦୈନିକ ଶହ ଶହ ଲୋକ ଯାତାୟାତ କରୁଥିବା ବେଳେ ଛୋଟମୋଟ ଦୁର୍ଘଟଣା ପ୍ରାୟ ସବୁଦିନ ଘଟୁଥିବା ନଜିର୍ ରହିଛି। ତୁରନ୍ତ ଜଗନ୍ନାଥ ସଡ଼କ ମରାମତି କରିବା ପାଇଁ କଣାସ ଅଞ୍ଚଳବାସୀଙ୍କ ତରଫରୁ ଦାବି ହେଉଛି। ବ୍ରହ୍ମପୁର, ବାଲୁଗାଁ, ନୟାଗଡ଼, ଶରଣକୁଳ, ଭଞ୍ଜନଗର, ଦଶପଲ୍ଲା ଓ ଖଣ୍ଡପଡ଼ା ଅଞ୍ଚଳରୁ ଶହଶହ ଲୋକ ଜଗନ୍ନାଥଙ୍କ ଦର୍ଶନ ପାଇଁ ଉକ୍ତ ରାସ୍ତାରେ ଯାତାୟାତ କରୁଥିବାରୁ ରାସ୍ତାର ଅବସ୍ଥା ଦେଖି ଅସନ୍ତୋଷ ପ୍ରକାଶ କରୁଛନ୍ତି।



**ଦୈନିକ ଘଟୁଛି ଦୁର୍ଘଟଣା**

# ଡିଜିଟାଲ ଯୁଗରେ ଅଦରକାରୀ ହୋଇଛି ଡାକ ବାକ୍ସ

**ଅସ୍ତରଙ୍ଗ,୧୫।୫(ସମିସ):** ପରିବାର ହେଉ କି ବନ୍ଧୁ ପରିଜନ ପରସ୍ପର ଭିତରେ ସମ୍ପର୍କ ଯୋଡ଼ି ରଖିବାର ପ୍ରମୁଖ ଭୂମିକା ଥିଲା ଡାକଘର। ଡାକବାଲା ଚିଠିଟିଏ ଆଣିକି ଆସିଲେ କିଏ ଦେଇଛି, କେଉଁଠୁ ଆସିଛି, ଆଉ ସେଥିରେ କ'ଣ ଲେଖା ଅଛି ଜାଣିବା ପାଇଁ ମନରେ ଖେଳିଯାଉଥିଲା ଅପୂର୍ବ ଆଗ୍ରହ। କାରଣ ସେଥିରେ ରହୁଥିଲା ଉତ୍କଣ୍ଠା, ବିରହ, ଆବେଗ ଓ ମିଳନର ବାସ୍ନା ସହ ଆହୁରି କେତେ କ'ଣ। ଏବେ ସେହି ଚିଠିର ଚାହିଦା ହଜିଯାଇଥିବା ବେଳେ ଡିଜିଟାଲ ଯୁଗ ସହ ତାଳ ଦେଇ ନ ପାରି ହାରିଯାଇଛି ଡାକ ବାକ୍ସ। ଡାକ ଘର ଭାବର ଆଦାନପ୍ରଦାନ କରିବାର ମାଧ୍ୟମ ସାଜିଥିବା ବେଳେ ଏବେ ଡାକ ବାକ୍ସ ଖାଲିପଡୁଛି। କମ୍ ବ୍ୟବହାର କାରଣରୁ ସ୍ଥାନେ ସ୍ଥାନେ ଏହା ଭାଙ୍ଗିରୁଜି ଗଲାଣି।

ପୂର୍ବରୁ ଚିଠି ସମେତ ମନିଅର୍ଡର ସରକାରୀ ଓ ବେସରକାରୀ କାଗଜ ପତ୍ର ପଠାଇବା ପାଇଁ ଡାକଘର ଉପରେ ନିର୍ଭର କରିବାକୁ ପଡୁଥିଲା। ଡିଜିଟାଲ ଯୁଗ ଆରମ୍ଭ ହେବା ଦିନଠାରୁ ଡାକଘର ଓ ଡାକ ବାକ୍ସର ବ୍ୟବହାର କମିଗଲାଣି। ଚିଠିର କାମ ଏବେ ମୋବାଇଲ୍ ଆଉ ଇଣ୍ଟରନେଟ୍ ମାଧ୍ୟମରେ ହେଉଥିବାରୁ ଚିଠି ଲେଖା ଏକ ପ୍ରକାର ବନ୍ଦ ହୋଇଗଲାଣି। ପୋଷ୍ଟ ଅଫିସ୍‌ର ଭୂମିକା ଏବେ ମୋବାଇଲ୍, ଲାପଟପ୍ ଆଉ ଇଣ୍ଟରନେଟ୍ ନେଇଛି। ଏବେ କେବଳ ଅଫିସିଆଲ ଏବଂ ସରକାରୀ ଦସ୍ତାବିଜ୍ ପୋଷ୍ଟ ଅଫିସ୍‌କୁ ବଞ୍ଚାଇ ରଖିଛି। ଅନ୍ୟପଟେ ଦେଖିବାକୁ ଗଲେ ମେସେଜ୍, ଇ-ମେଲ୍, ହ୍ୱାଟ୍ସଆପ୍, ଫେସବୁକ୍, ଇନ୍‌ଷ୍ଟାଗ୍ରାମ୍ ଏମିତି ଅନେକ ଡିଜିଟାଲ୍ ସଂସ୍ଥା ଚିଠିକୁ ହଜେଇଦେଇ ଆଗକୁ ମାଡ଼ି ଚାଲିଛି। ଏ ନେଇ ସ୍ଥାନୀୟ ଅଞ୍ଚଳରେ ଦୀର୍ଘ ବର୍ଷ ଧରି ଚିଠି ବାଣ୍ଟୁଥିବା ଜଣେ ବରିଷ୍ଠ ପୋଷ୍ଟମ୍ୟାନ୍ କୁହନ୍ତି, ଆଗରୁ ପୋଷ୍ଟ ଅଫିସ୍‌ରେ ପୋଷ୍ଟବାକ୍ସ ଖୋଲିଲେ ଶହଶହ ଚିଠି ମିଳୁଥିଲା। ଘରକୁ ଘର




## ଲୋକେ ଭୁଲିଗଲେଣି ଚିଠି ଲେଖା

ବୁଲି ଚିଠି ବାଣ୍ଟିଲାବେଳେ ସାଇକଲର ଘଣ୍ଟି ଶୁଣି ଲୋକମାନେ ଧାଇଁ ଆସନ୍ତି ଏବଂ ଲୋକମାନଙ୍କ ଆଖିରେ ଯେଉଁ ଖୁସି ଦେଖାଯାଏ ତାହା ଅବର୍ଣ୍ଣନୀୟ ଓ ମନମୁଗ୍ଧକର। କିନ୍ତୁ ଏବେ ବାକ୍ସ ଖୋଲିଲେ କେବଳ ବ୍ୟାଙ୍କ୍ ଆଉ ସରକାରୀ ଚିଠିକୁ କୋର୍ଟ ନୋଟିସ୍ ଏଥିରେ ସେ ପୂର୍ବ ଆନନ୍ଦ ମିଳୁନାହିଁ। ଲୋକମାନଙ୍କ ସମ୍ପର୍କ କେବଳ ମୋବାଇଲ୍ ମଧ୍ୟରେ ବନ୍ଦ ହୋଇଯାଇଛି।

# ଦୁର୍ଗାଦାସପୁରଠାରେ କ୍ଷେତ୍ର ଦିବସ




**ପିପିଲି,୧୫।୫(ସମିସ):** ପିପିଲି ବ୍ଲକ୍ ଦୁର୍ଗାଦାସପୁର ଗ୍ରାମ ପଞ୍ଚାୟତର ଦୁର୍ଗାଦାସପୁର ଗ୍ରାମର ମା' ଉପ୍ପଳା ଠାକୁରାଣୀ ମନ୍ଦିର ପ୍ରାଙ୍ଗଣରେ ଧାନ ପରବର୍ତ୍ତୀ ପଡ଼ିଆ ଜମିରେ ଡାଲିଜାତୀୟ ଫସଲ ଚାଷ ଯୋଜନା ଅନ୍ତର୍ଗତ କ୍ଷେତ୍ର ଦିବସ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି ସଚେତନତା କାର୍ଯ୍ୟକ୍ରମରେ ପଞ୍ଚାୟତର ପ୍ରାୟ ୧୦୦ ଜଣ ସ୍ଥାନୀୟ ଚାଷୀ ଯୋଗଦେଇଥିଲେ। ପିପିଲି ବ୍ଲକ୍ କୃଷି ବିଭାଗ ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପିପିଲି ମଣ୍ଡଳ କୃଷି ଅଧିକାରିଣୀ ସୌମିତ୍ରା ମହାନ୍ତି, ସହକାରୀ କୃଷି ଅଧିକାରିଣୀ ସସ୍ମିତା ମହାନ୍ତି, ଆତ୍ମା ଅଧ୍ୟକ୍ଷ ସୁବୋଧ ମହାନ୍ତି, ସ୍ଥାନୀୟ ସରପଞ୍ଚ ବିଭୂତିଭୂଷଣ ନାଥ, ସମିତିସଭ୍ୟଙ୍କ ପ୍ରତିନିଧି ଜଗତ ବଲ୍ଲଭ ଖଟୋଇ ପ୍ରମୁଖ ଅତିଥିଭାବେ ଯୋଗଦେଇ ଉପସ୍ଥିତ ଚାଷୀଙ୍କୁ ପ୍ରଥମେ ପିଏମ୍ କିଷାନ ଓ ସିଏମ୍ କିଷାନ ଆଦି ଯୋଜନାରେ ହିତାଧିକାରୀ ଚୟନ, କିଷାନ କ୍ରେଡିଟ୍ କାର୍ଡର ବ୍ୟବହାର, ସାର କ୍ରୟ ତଥା ଅନ୍ୟାନ୍ୟ ସରକାରୀ ଯୋଜନାରେ ଲାଭ ପାଇବା ନିମନ୍ତେ କୃଷକ ପଞ୍ଜୀକରଣ ସମ୍ପର୍କରେ ବିସ୍ତୃତ ଭାବେ ବୁଝାଇଥିଲେ। ଡାଲିଜାତୀୟ ଫସଲ ଚାଷର ବୈଷୟିକ ଜ୍ଞାନ କୌଶଳ, ମୃତ୍ତିକା ପରୀକ୍ଷା, ଖରିଫ ଋତୁ ପାଇଁ ବିହନ ନିର୍ବାଚନ, ନାନୋ ସାରର ବ୍ୟବହାର ଉପରେ ଅଧିକାରୀମାନେ ଚାଷୀମାନଙ୍କ ସହିତ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ସ୍ଥାନୀୟ କୃଷି ଅଧିଦର୍ଶକ ପ୍ରଶାନ୍ତ ବିଶ୍ୱାଳ, କୃଷକସାଥି ଅମୂଲ୍ୟରତ୍ନ ଦାଶ, ଜଗତ ବଲ୍ଲଭ ଦାଶ, ନିର୍ମଳ ମିଶ୍ରଙ୍କ ସହଯୋଗରେ ସଫଳତାର ସହ ସମ୍ପାଦିତ ହୋଇଛି।

# ଲିଟିଲ ଷ୍ଟାର୍ ଗ୍ରୁପର ଗ୍ରୀଷ୍ମକାଳୀନ ଶିବିର ଆରମ୍ଭ



**ନିମାପଡ଼ା,୧୫।୫(ସମିସ):** ଆମର ଦକ୍ଷତା ହିଁ ଆମକୁ ଆଗକୁ ବଢ଼ିବାରେ ସହାୟକ କରିଥାଏ। ଜଣେ ଯେତେ ଶିକ୍ଷାଗତ ଜ୍ଞାନ ହାସଲ କରୁନା କାହିଁକି ଦକ୍ଷତା ହିଁ ତାର ଅସଲ ପରିଚୟ ବୋଲି ନିମାପଡ଼ାର ଅଗ୍ରଣୀ ଅନୁଷ୍ଠାନ ଲିଟିଲଷ୍ଟାର ଗ୍ରୁପ ପକ୍ଷରୁ ଆୟୋଜିତ ୨୪ତମ ଗ୍ରୀଷ୍ମକାଳୀନ ଶିବିର ଉଦ୍‌ଘାଟନ ଅବସରରେ ଅତିଥିମାନେ ମତ ପ୍ରକାଶ କରିଛନ୍ତି। ଏହି ଅବସରରେ ଗ୍ରୁପ୍‌ର ସମ୍ପାଦକ ସୁମନ୍ତ ମହାରଣାଙ୍କ ନେତୃତ୍ୱରେ ପିଲାମାନଙ୍କୁ ବିଦ୍ୟାଳୟର ଚାରିକାନ୍ଥରୁ ବାହାରକୁ ଅଣାଯାଇ ପୁରୀ ଭ୍ରମଣ କରାଯାଇଥିଲା। ପ୍ରଥମେ ପିଲାମାନେ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରି ରଥ ଖଳାରେ ରଥ ନିର୍ମାଣ ଦେଖିଥିଲେ। ରଥ ଖଳାରେ ଅଭିନନ୍ଦନିକାର ସମ୍ପାଦକ ଶ୍ୟାମ ପ୍ରକାଶ ସେନାପତି ଅତିଥି ଭାବେ ଯୋଗଦେଇ ପିଲାମାନଙ୍କୁ ଏହାର ନିର୍ମାଣ ସମ୍ପର୍କରେ ବୁଝାଇ ଥିଲେ। ପରେ ପିଲାମାନେ ପୁରୀ ଆକାଶବାଣୀ କେନ୍ଦ୍ରକୁ ଆସି ସେମାନଙ୍କ ବିଭିନ୍ନ ପ୍ରତିଭା ପ୍ରଦର୍ଶନ କରିଥିଲେ। ପୁରୀ ଆକାଶବାଣୀ ପକ୍ଷରୁ ରୋଜିତା ଦାସ, ସପନ ତରାଇ, ରାଜଶ୍ରୀ ସାହୁ, ଦିବ୍ୟ ଦର୍ଶିନୀ ପରିଡ଼ା, ଶୁଭଦର୍ଶିନୀ ସାହୁ ପିଲାମାନଙ୍କ ସହ ଭାବ ବିନିମୟ କରିଥିଲେ। ଏଠାରେ ସୂଚନା ଯୋଗ୍ୟ ଯେ ଏହି ଶିବିର ଦୀର୍ଘ ୨୫ଦିନ ଚାଲିବ। ଏଠାରେ ପିଲାମାନଙ୍କୁ ବିଭିନ୍ନ ପ୍ରଶିକ୍ଷଣ ଦିଆଯିବ। ଆଜିର କାର୍ଯ୍ୟକ୍ରମକୁ ଗ୍ରୁପ ପକ୍ଷରୁ ସୁନନ୍ଦ ରାଉତରାୟ ଓ ଉର୍ମିଳା ମହାରଣା ପରିଚାଳନା କରିଥିଲେ।

# ଯୁବକଙ୍କ ଆତ୍ମହତ୍ୟା ଅଭିଯୋଗ

**ନିମାପଡ଼ା,୧୫।୫(ସମିସ):** ନିମାପଡ଼ା ଥାନା ଅନ୍ତର୍ଗତ ଭିଲିଗ୍ରାମ ପଞ୍ଚାୟତ ସାତକାବାଦ ଗ୍ରାମରେ ଜଣେ ଯୁବକ ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁଯାୟୀ ଉକ୍ତ ଗ୍ରାମର ଚିତ୍ତରଞ୍ଜନ ସ୍ୱାଇଁ (୨୮) ନିକଟସ୍ଥ ଏକ ଆମ୍ବ ଗଛରେ ରଶି ଲଗାଇ ଝୁଲି ପଡିଥିଲେ। ପରିବାର ଓ ସ୍ଥାନୀୟ ଲୋକମାନେ ଦେଖି ସେଠାରୁ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଚାରିଛକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ। ତେବେ ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ। ମୃତକଙ୍କ ବାପା ଶରତ ସ୍ୱାଇଁ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

# ଜ୍ୟୋତିଷଙ୍କ ପରଲୋକ

**ବଲଙ୍ଗା,୧୫।୫(ସମିସ):** ବଲଙ୍ଗା ପଞ୍ଚାୟତ ଅନ୍ତର୍ଗତ ବଲଙ୍ଗା ଗ୍ରାମର ଜ୍ୟୋତିଷ ବିଶାରଦ ଲକ୍ଷ୍ମୀଧର ନାୟକଙ୍କ ପରଲୋକ ହୋଇଛି। ସେ ବାର୍ଦ୍ଧକ୍ୟ ଜନିତ କାରଣରୁ ଅସୁସ୍ଥ ଥିଲେ। ନିଜ ବାସଭବନରେ ତାଙ୍କର ପରଲୋକ ହୋଇଯାଇଛି। ତାଙ୍କ ମୃତ୍ୟୁରେ ବଲଙ୍ଗା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଗ୍ରାମ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା। ବଡ଼ ପୁତ୍ର ଦିଲ୍ଲୀପ ନାୟକ ମୁଖାଗ୍ନି ଦେଇଥିଲେ। ପୁତ୍ର ଲିଙ୍ଗରାଜ ନାୟକ, ଦୀପକ ନାୟକ, ଗ୍ରାମବାସୀ, ବନ୍ଧୁ ପରିଜନ ସମସ୍ତେ ଉପସ୍ଥିତ ଥିଲେ। ସରପଞ୍ଚ ଅଞ୍ଜଳି ପ୍ରଧାନ ଅନ୍ତିମ ସଂସ୍କାର ପାଇଁ ପଞ୍ଚାୟତ ତରଫରୁ ତ୍ୱରିତ ପଦକ୍ଷେପ ନେଇ ସାହାଯ୍ୟ କରିଥିଲେ। ତାଙ୍କ ମୃତ୍ୟୁରେ ସମାଜସେବୀ ଶ୍ରୀକର ପ୍ରଧାନ, ସୁବାଷ ଚନ୍ଦ୍ର ଶତପଥି, ସଭାପତି କୃପାସିନ୍ଧୁ ଦତ୍ତ, ଶିକ୍ଷାବିତ ରାମଚନ୍ଦ୍ର ନାୟକ, ରାକେଶ ରଞ୍ଜନ ଦାଶ, ବାଞ୍ଛାନିଧି ସାହୁ, ଦୁର୍ଯ୍ୟୋଧନ ବିଶ୍ୱାଳ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିବା ସହିତ ଆତ୍ମାର ସଦ୍‌ଗତି କାମନା କରିଥିଲେ।

# ନିମାପଡ଼ା ପଥୋତ୍ସବ ୧୭ରେ

**ପୁରୀ/ନିମାପଡ଼ା,୧୫।୫(ସମିସ):** ଉତ୍କର୍ଷ ନିମାପଡ଼ା କାର୍ଯ୍ୟକ୍ରମ ଆସନ୍ତା ଜୁନ୍ ୩ରୁ ୫ଜୁନ୍ ତିନିଦିନ ବ୍ୟାପୀ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ଆସନ୍ତା ୧୭ତାରିଖ ପ୍ରାତଃ ୬ଟାରେ ନିମାପଡ଼ା ପଥୋତ୍ସବ ଅନୁଷ୍ଠିତ ହେବ। ଏଥିରେ ପାରମ୍ପରିକ ବାଦ୍ୟ ନୃତ୍ୟ ଗୀତ ଯଥା -ଲଉଡ଼ି ଖେଳ, ଘୋଡ଼ାନାଚ, ଧୁଡୁକି, ଦାସକାଠିଆ, ପାଲା, ଶଙ୍ଖୁଆ, ପାଇକନାଚ, ସଂକୀର୍ତ୍ତନ, ଘଣ୍ଟୁଆ ଏବଂ ପଥ ଚିତ୍ର ଆଦି କାର୍ଯ୍ୟକ୍ରମ କରାଯିବ। ଉପମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଏହାର ଲୋଗୋ ଉନ୍ମୋଚନ କରାଯିବାର କାର୍ଯ୍ୟକ୍ରମ ରହିଛି। ଏହି ପରିପ୍ରେକ୍ଷୀରେ ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ସ୍ୱଚ୍ଛ, ସୁସ୍ଥ, ସଶକ୍ତ, ସମୃଦ୍ଧ ନିମାପଡ଼ାରୁ ଉତ୍କର୍ଷ ନିମାପଡ଼ା କାର୍ଯ୍ୟକ୍ରମ ଅଧୀନରେ ଏହି ପଥୋତ୍ସବ ଅବସରରେ ପଥଉତ୍ସବ, ପଦଯାତ୍ରା ଜୟଶ୍ରୀ ଛକଠାରୁ ଆରମ୍ଭ ହୋଇ ପୂର୍ଣ୍ଣେଶ୍ୱରୀ ମନ୍ଦିର ପର୍ଯ୍ୟନ୍ତ ଯିବ। ଏଣୁ ସମସ୍ତ ଜନସାଧାରଣଙ୍କୁ ବହୁ ସଂଖ୍ୟାରେ ଏହି କାର୍ଯକ୍ରମରେ ଯୋଗଦାନ କରିବା ସହ ଏହି ମନୋଜ୍ଞ କାର୍ଯ୍ୟକ୍ରମ କୁ ଉପଭୋଗ କରିବାକୁ ନିର୍ବାହୀ ଅଧିକାରୀ ଚିନ୍ମୟ ଦାସ ଅନୁରୋଧ କରିଛନ୍ତି।

# ରଣପୁର ବଜାରରେ ଜବରଦଖଲ ଉଚ୍ଛେଦ

**ରଣପୁର,୧୫।୫(ସମିସ):** ରଣପୁର ଏନ୍‌ଏସି ଅନ୍ତର୍ଗତ ଦଶହରା ପଡିଆସ୍ଥିତ ମାଛ ମାର୍କେଟ ଠାରେ ଅସ୍ଥାୟୀ ଭାବେ ନିର୍ମାଣ ହୋଇଥିବା ଉଠା ଦୋକାନ ଓ ପିଣ୍ଡି, ମଣ୍ଡପକୁ ନେଇ ସୃଷ୍ଟି ହେଇଥିବା ବିବାଦର ଅବସାନ ଘଟିଛି। ପ୍ରଶାସନ ପକ୍ଷରୁ ଆଜି ଏହାକୁ ଉଚ୍ଛେଦ କରାଯାଇଛି। ଏହି ଜାଗାଟି ଏପରିକି ଦର୍ପନାରାୟଣପୁର ଠାରୁ ରଣପୁରକୁ ଓ ରାଜ ସୁନାଖଳାରୁ ରଣପୁର ଏବଂ ତଳ ବାଇପାସ୍‌କୁ ସଂଯୋଗ କରୁଥିବା ଚାରି ଛକ। ରାସ୍ତା ସଂକୁଚିତ ହେଉଥିବା ଯୋଗୁଁ ଗାଡ଼ି ମୋଟର ଯାତାୟାତରେ ଅସୁବିଧା ହେଉଥିଲା। ସେଥିଯୋଗୁଁ ଅଞ୍ଚଳବାସୀ ବିରୋଧ କରୁଥିବା ବେଳେ ରାସ୍ତା ଉପରେ ମାଡ଼ି ରହିଥିବା ଏହି ଉଠା ଦୋକାନ ବଜାରକୁ ପ୍ରଶାସନ ପକ୍ଷରୁ ମାପ ଚୁପ କରାଯାଇ ଜାଗା ଚିହ୍ନଟ ପରେ ଉଚ୍ଛେଦ କରିବା ପାଇଁ ପୂର୍ବରୁ ନୋଟିସ ଦିଆଯାଇଥିଲା। ନୋଟିସ ମୁତାବକ ଅନେକ ସ୍ୱାଭିମାନୀ ବ୍ୟବସାୟୀ ଆଇନକୁ ସମ୍ମାନ ଦେଇ ନିଜ ନିଜର ଜିନିଷ ପତ୍ର ନେଇଯାଇଥିଲେ। ଏହି ଉଚ୍ଛେଦ ପ୍ରକ୍ରିୟାରେ ରହିଯାଇଥିବା ଦୋକାନୀ ସରକାରୀ ଜାଗାରେ କରିଥିବା ଦୋକାନ, ପିଣ୍ଡି ଏବଂ ମଣ୍ଡପ ସମ୍ପୂର୍ଣ୍ଣ ଭାବରେ ଭଙ୍ଗାଯାଇଛି। ଫଳରେ କିଛି ବ୍ୟବସାୟୀଙ୍କ ବେପାର ବୁଡ଼ିଯିବା ସହ କିଛି ବେସାହାରା ହେଇପଡ଼ିଛନ୍ତି। ଏହି ଉଚ୍ଛେଦ ପ୍ରକ୍ରିୟାରେ ରଣପୁର ଏନ୍‌ଏସି ଅଧିକାରୀ ସାମନ୍ତ ବିଶ୍ୱମ୍ଭର ମହାପାତ୍ର, ରଣପୁର ଆର୍‌ଆଇ, କିଛି କାଉନସିଲର ଉପସ୍ଥିତ ଥିବାବେଳେ ଆଇନ ଶୃଙ୍ଖଳା ରକ୍ଷା ପାଇଁ ରଣପୁର ଥାନା ଅଧିକାରୀଙ୍କ ସମେତ ଏକ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ ହେଇଥିଲେ।



# ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାରେ ସହାୟତା ରାଶି ପ୍ରଦାନ

ସାକ୍ଷୀଗୋପାଳ,୧୫।୫(ସମିସ)

ପୁରୀ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ, ଅଟଳ ନିର୍ମାଣ ଶ୍ରମିକ ମହାସଂଘ ଓ ଶୁକଳ ଗ୍ରାମ ପଞ୍ଚାୟତ ଆନୁକୂଲ୍ୟରେ ସ୍ଥାନୀୟ ଶୁକଳ ମେଳଣ ପଡ଼ିଆଠାରେ ଆଜି ଅପରାହ୍ଣରେ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାରେ ସତ୍ୟବାଦୀ, ବ୍ରହ୍ମଗିରି, ପୁରୀ ଓ ପିପିଲି ବିଧାନସଭା ନିର୍ବାଚନ ମଣ୍ଡଳୀର ୬୫୫ଜଣ ହିତାଧିକାରୀଙ୍କୁ ସହାୟତା ରାଶି ବିତରଣ ହୋଇଛି। ଏ ନେଇ ଆୟୋଜିତ ଉତ୍ସବ ଅବସରରେ ୬୫ ଜଣଙ୍କୁ ମୃତ୍ୟୁକାଳୀନ ସହାୟତା, ୬୪ ଜଣଙ୍କୁ ଅନ୍ତ୍ୟେଷ୍ଟିକ୍ରିୟା ସହାୟତା ଓ ୫୨୬ ଜଣଙ୍କୁ ବିବାହ ସହାୟତା ରାଶି ଅତିଥିମାନେ ପ୍ରଦାନ କରିଥିଲେ। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୁରୀ ସାଂସଦ ସମ୍ବିତ ପାତ୍ର, ସମ୍ମାନିତ ଅତିଥିଭାବେ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ଜିଲ୍ଲା ପରିଷଦ ସଭ୍ୟା ଲତାମଣି ଜଗଦ୍ଦେବ, ବିଷ୍ଣୁପ୍ରିୟା ବରାଳ, ସଭ୍ୟ ରତିକାନ୍ତ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ପୁରୀ ଜିଲ୍ଲା ଶ୍ରମ କାର୍ଯ୍ୟାଳୟରୁ ଜିଲ୍ଲା ଶ୍ରମ ଆୟୁକ୍ତ ଚୌଧୁରୀ ସୁବ୍ରତ କୁମାର ଜେନା, ଜିଲ୍ଲା ଶ୍ରମ ଅଧିକାରିଣୀ ପ୍ରଜ୍ଞା ପାରମିତା ସାହୁ, ଉପ ଶ୍ରମ ଅଧିକାରୀ ଓ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ରହିଥିଲେ। ଏହାଛଡ଼ା ଅଟଳ ନିର୍ମାଣ ଶ୍ରମିକ ମହାସଂଘର କାର୍ଯ୍ୟକାରୀ ସଭାପତି ଅଶ୍ୱିନୀ ନନ୍ଦ, ମହାସଂଘର ଆଇନ ପରାମର୍ଶଦାତା ତଥା ସରକାରୀ ଓକିଲ ସୁଶାନ୍ତ ମିଶ୍ର, ଶୁକଳ ସରପଞ୍ଚ ଲଳିତ ସେନାପତି ମଧ୍ୟ ଉପସ୍ଥିତ ରହିଥିଲେ।



